# NATIONAL NEWS BULLETIN (ODIA)

**14 September - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆସନ୍ତାକାଲିଠାରୁ ୩ ଦିନିଆ ଝାଡ଼ଖଣ୍ଡ, ଗୁଜରାଟ ଏବଂ ଓଡ଼ିଶା ଗସ୍ତ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

– ୧୭ ତାରିଖରେ ଭୁବନେଶ୍ୱରଠାରେ ୩ ହଜାର ୮ଶହ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ ।

- ଦେଶକୁ ଏକଜୁଟ ରଖିବା କ୍ଷେତ୍ରରେ ଅଭୂତପୂର୍ବ ଭୂମିକା ନିର୍ବାହ କରୁଛି ହିନ୍ଦୀ ଭାଷା, କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ
- ଜାମ୍ମୁ କାଶ୍ମୀର ବିଧାନସଭା ନିମନ୍ତେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରଚାର କାର୍ଯ୍ୟ ଜୋରଦାର

– ୧୮ ତାରିଖରେ ୨୪ଟି ଆସନ ଲାଗି ହେବ ପ୍ରଥମ ପର୍ଯ୍ୟାୟ ମତଦାନ

ଏବଂ

- ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ମତଦାନ ଲାଗି ଆଗ୍ରହ ପ୍ରକାଶ କଲେ ମହାକାଶରେ ଅଟକି ରହିଥିବା ସୁନିତା ୱିଲିୟମ୍ସ ଏବଂ ବୁଚ୍ ବିଲ୍‌ମୋର୍ ।

---

## ପିଏମ୍-ଥ୍ରି ଡେ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ ୩ ଦିନିଆ ଝାଡ଼ଖଣ୍ଡ, ଗୁଜରାଟ ଏବଂ ଓଡ଼ିଶା ଗସ୍ତ କରିବେ । ଆସନ୍ତାକାଲି ଶ୍ରୀ

ମୋଦୀ ଝାଡ଼ଖଣ୍ଡରେ ୬ଟି ବନ୍ଦେ ଭାରତ ଏକ୍ସପ୍ରେସର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି । ସେଗୁଡ଼ିକ ମଧ୍ୟରେ ଟାଟାନଗର ବନ୍ଦେ ଭାରତ ଟ୍ରେନ୍ ରହିଥିବା ଜଣାପଡ଼ିଛି । ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଝାଡ଼ଖଣ୍ଡରେ ୬୬୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ରେଳ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବେ । ଟାଟାନଗରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ୨୦ ହଜାର ଗ୍ରାମୀଣ ଉପଭୋକ୍ତାଙ୍କୁ ପି.ଏମ୍. ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରିବେ ।

ସୋମବାର ଦିନ ପ୍ରଧାନମନ୍ତ୍ରୀ ପି.ଏମ୍. ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନାର ହିତାଧିକାରୀମାନଙ୍କ ସହ ଗୁଜରାଟର ଗାନ୍ଧିନଗର ଠାରେ କଥାବାର୍ତ୍ତା କରିବେ । ଗାନ୍ଧିନଗରର ମହାତ୍ମା ମନ୍ଦିରରେ ପ୍ରଧାନମନ୍ତ୍ରୀ ଚତୁର୍ଥ ବିଶ୍ୱ ପୁନଃବ୍ୟବହାରକ୍ଷମ ଶକ୍ତି ପୁଞ୍ଜିନିବେଶକାରୀଙ୍କ ସମ୍ମିଳନୀକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଶ୍ରୀ ମୋଦୀ ଅହମ୍ମଦାବାଦ ମେଟ୍ରୋ  ରେଳ ପ୍ରକଳ୍ପ ଉଦ୍‌ଘାଟନ କରିବା ସହ ମେଟ୍ରୋ ଟ୍ରେନ୍‌ରେ ଗିଫ୍ଟ ସିଟି ପର୍ଯ୍ୟନ୍ତ ଯାତ୍ରା କରିବେ । ସେହିଦିନ ସନ୍ଧ୍ୟାରେ ଅହମ୍ମଦାବାଦରେ ଶ୍ରୀ ମୋଦୀ ୮ ହଜାର କୋଟିରୁ ଅଧିକ ଟଙ୍କାର ଅନେକ ଗୁଡ଼ିଏ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

୧୭ ତାରିଖ ମଙ୍ଗଳବାର ଦିନ ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିବେ । ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ପି.ଏମ୍. ଆବାସ ଯୋଜନା ସହରାଞ୍ଚଳର ହିତାଧିକାରୀମାନଙ୍କ ସହ ଆଲୋଚନା କରିବେ ଏବଂ ଭୁବନେଶ୍ୱରଠାରେ ୩ ହଜାର ୮୦୦ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଗୁଡ଼ିକର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

---

## ଶାହା-ରାଜଭାଷା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି ଦେଶକୁ ଏକଜୁଟ ରଖିବା କ୍ଷେତ୍ରରେ ହିନ୍ଦୀ ଭାଷା ଅଭୂତପୂର୍ବ ଭୂମିକା ନିର୍ବାହ କରୁଛି । ସେ କହିଛନ୍ତି ହିନ୍ଦୀ ଏବଂ ଅନ୍ୟ ଭାଷା ମଧ୍ୟରେ କୌଣସି ପ୍ରତିଯୋଗିତା ହେଉନାହିଁ । ଆଜି ନୂଆଦିଲ୍ଲୀରେ ରାଜଭାଷା ହୀରକ ଜୟନ୍ତୀ ସମାରୋହ ଏବଂ ଚତୁର୍ଥ ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ଶାହା କହିଛନ୍ତି ସମସ୍ତ ଭାଷାକୁ ମଜବୁତ କରିପାରିଲେ, ଏକ ମଜବୁତ ଦେଶ ନିର୍ମାଣ ହୋଇପାରିବ । ସେ କହିଛନ୍ତି ଜାତୀୟ ଶିକ୍ଷାନୀତିରେ ଏହି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯାଇଛି ଏବଂ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷାଦାନ ଲାଗି ବ୍ୟବସ୍ଥା କରାଯାଇଛି ।

---

## ହିନ୍ଦୀ ଦିବସ -ଗ୍ରିଟିଙ୍ଗ୍‌ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଆଜି ହିନ୍ଦୀ ଦିବସ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ହିନ୍ଦୀ ଭାଷାର ଗୁରୁତ୍ୱ ଉପରେ ଏକ ଭିଡ଼ିଓ ବାର୍ତ୍ତା ଜାରି କରିଛନ୍ତି ।

ଶ୍ରୀ ଶାହା କହିଛନ୍ତି ୧୯୪୯ ମସିହା ଆଜିର ଦିନରେ ଭାରତର ସମ୍ବିଧାନ ସଭା ହିନ୍ଦୀ ଭାଷାକୁ ସରକାରୀ ଭାଷା ରୂପେ ଗ୍ରହଣ କରିଥିଲେ । ଶ୍ରୀ ଶାହା କହିଛନ୍ତି ହିନ୍ଦୀ ଦିବସ ୭୫ ବର୍ଷ ପୂରଣ କରିଛି ଏବଂ ହିନ୍ଦୀକୁ ସରକାରୀ ଭାଷା ଭାବେ ଗ୍ରହଣ କରିବାର ହୀରକ ଜୟନ୍ତୀ ପାଳନ

କରାଯାଉଛି । ଶ୍ରୀ ଶାହା କହିଛନ୍ତି ସମସ୍ତ ଭାରତୀୟ ଭାଷା ଆମ ଦେଶ ପାଇଁ ଗୌରବ ଏବଂ ଐତିହ୍ୟର ଭାଷା ପାଲଟିଛି । ସେହି ଭାଷାଗୁଡ଼ିକୁ ସମୃଦ୍ଧ କରିପାରିଲେ ବିକାଶ ଲକ୍ଷ୍ୟ ହାସଲ ହୋଇପାରିବ । ସେ କହିଛନ୍ତି ହିନ୍ଦୀ ହେଉଛି ସମସ୍ତ ସ୍ଥାନୀୟ ଭାଷାଗୁଡ଼ିକର ବନ୍ଧୁ ସଦୃଶ । ତେଣୁ ହିନ୍ଦୀ ଏବଂ ଅନ୍ୟ ଆଞ୍ଚଳିକ ଭାଷା ମଧ୍ୟରେ କୌଣସି ପ୍ରତିଯୋଗିତା ନାହିଁ । ପ୍ରତ୍ୟେକ ଆଞ୍ଚଳିକ ଭାଷା ହିନ୍ଦୀ ଭାଷାକୁ ସୁଦୃଢ଼ କରିଛି ଏବଂ ହିନ୍ଦୀ ଭାଷା ମଧ୍ୟ ପ୍ରତ୍ୟେକ ଭାଷାକୁ ଅନନ୍ୟ ପରିଚୟ ପ୍ରଦାନ କରିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ଦଶନ୍ଧିରେ ହିନ୍ଦୀ ଏବଂ ଅନ୍ୟାନ୍ୟ ଆଞ୍ଚଳିକ ଭାଷାଗୁଡ଼ିକୁ ସମୃଦ୍ଧ କରିବା ଲାଗି ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ଅନେକ ଗୁଡ଼ିଏ ଆନ୍ତର୍ଜାତିକ ଦୃଶ୍ୟପଟରେ ପ୍ରଧାନମନ୍ତ୍ରୀ ହିନ୍ଦୀ ଓ ଅନ୍ୟ ଭାରତୀୟ ଭାଷାଗୁଡ଼ିକୁ ପ୍ରାଧାନ୍ୟ ଦେଇଆସିଛନ୍ତି ।

ସେ କହିଛନ୍ତି ଆଗାମୀ ଦିନରେ ହିନ୍ଦୀ ଭାଷାରୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ଅନ୍ତର୍ଭୁକ୍ତ ଅନ୍ୟ ଭାରତୀୟ ଭାଷାକୁ ଅନୁବାଦ ନିମନ୍ତେ ଏକ ସ୍ୱତନ୍ତ୍ର ପୋର୍ଟାଲ ଆରମ୍ଭ ହେବ । ଏଥିରେ ଅତିକମ୍ ସମୟ ମଧ୍ୟରେ କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର କରି ଅନୁବାଦ କରାଯାଇ ପାରିବ । ହିନ୍ଦୀ ଦିବସ ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା ହିନ୍ଦୀ ସମେତ ଅନ୍ୟାନ୍ୟ ଭାରତୀୟ ଭାଷାଗୁଡ଼ିକୁ ସମୃଦ୍ଧ ଏବଂ ଦୃଢ଼ କରିବା ଲାଗି ଆହ୍ୱାନ ଦେଇଛନ୍ତି ।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଏକ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ବିଶ୍ୱସ୍ତରରେ ହିନ୍ଦୀ ଭାଷାର ଗୁରୁତ୍ୱ ବିଷୟରେ କହିଛନ୍ତି ।

## ଇଲେକ୍ସନ କ୍ୟାମ୍ପେନିଂ

ଜାମ୍ମୁ କାଶ୍ମୀରର ବିଧାନସଭା ନିମନ୍ତେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରଚାର କାର୍ଯ୍ୟ ଜୋରଦାର ହୋଇଛି । ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୧୮ ତାରିଖରେ ୨୪ଟି ବିଧାନସଭା ଆସନ ଲାଗି ମତଦାନ ହେବ । ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତାମାନେ ନିଜ ଦଳର ପ୍ରାର୍ଥୀମାନଙ୍କ ସପକ୍ଷରେ  ମତଦାନ କରିବାକୁ ଭୋଟରମାନଙ୍କୁ  ପ୍ରବର୍ତ୍ତାଉଛନ୍ତି ।

ପ୍ରଧାନମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀ ଆଜି ଡୋଡା ଜିଲ୍ଲାରେ ଏକ ନିର୍ବାଚନୀ ର୍‍ୟାଲିକୁ ସମ୍ବୋଧିତ କରିବେ । କଂଗ୍ରେସ ଏବଂ ନ୍ୟାଶନାଲ୍ କନ୍‌ଫରେନ୍ସର ନେତାମାନେ ଦଳୀୟ ପ୍ରାର୍ଥୀଙ୍କ ଲାଗି ପ୍ରଚାର କରୁଛନ୍ତି । ଜାମ୍ମୁ କାଶ୍ମୀରର ବିଜେପି ମୁଖ୍ୟ ମୁଖପାତ୍ର ସୁନୀଲ ସେଠୀ ଗତକାଲି ଜାମ୍ମୁରେ କହିଛନ୍ତି ନ୍ୟାଶନାଲ୍ କନ୍‌ଫରେନ୍ସ ଏବଂ କଂଗ୍ରେସ କାଶ୍ମୀରର ସଂସ୍କୃତିକୁ ନଷ୍ଟ କରୁଛନ୍ତି  ଏବଂ ସେଠାରେ ବିଭାଜନ ସୃଷ୍ଟି କରୁଛନ୍ତି । ସେ କହିଛନ୍ତି ଏହି ଦୁଇଟି ଦଳ ପୁଣି ନିକଟତର ହୋଇଛନ୍ତି, ଯାହା ଜାମ୍ମୁ କାଶ୍ମୀରକୁ ଧ୍ୱଂସ ଆଡ଼କୁ ନେଇଯିବ । ଶ୍ରୀ ସେଠୀ କହିଛନ୍ତି ବିଜେପି ଜାମ୍ମୁ କାଶ୍ମୀରରେ ଶାନ୍ତି ପ୍ରତିଷ୍ଠା ସହ ସେଠାରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିଛି । ଧାରା ୩୭୦ ବିଷୟରେ ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜମ୍ମୁ କାଶ୍ମୀରର ସର୍ବାଙ୍ଗୀନ ବିକାଶ ନିମନ୍ତେ ବିଭିନ୍ନ

ପଦକ୍ଷେପ ଗ୍ରହଣ କରିବା ସହ ଏହାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି ।

ଇତିମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ଆଜାଦ୍ ପାର୍ଟିର ଅଧ୍ୟକ୍ଷ ଗୁଲାମନବୀ ଆଜାଦ ଦୋରୁ, କାଜିଗୁଞ୍ଜ ଏବଂ ଦେବ୍‌ସାରରେ ଗତକାଲି ନିର୍ବାଚନୀ ର୍ୟାଲିକୁ ସମ୍ବୋଧିତ କରିଥିଲେ ।

ଜାମ୍ମୁ କାଶ୍ମୀରେ ୩ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ । ଚଳିତମାସ ୨୫ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଏବଂ ଅକ୍ଟୋବର ୧ ତାରିଖରେ ତୃତୀୟ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ ।

ଇତିମଧ୍ୟରେ ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ପ୍ରାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି । ମୋଟ୍ ୪ଶହ ଅଣଚାଶ ଜଣ ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ ରହିଥିବା ଜଣାପଡ଼ିଛି । ଏହି ପର୍ଯ୍ୟାୟ ପାଇଁ ଆସନ୍ତା ୧୭ ତାରିଖ ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷଦିନ ରହିଛି ।

ଗୋଟିଏ ପର୍ଯ୍ୟାୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ନିମନ୍ତେ ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ହରିଆଣାରେ ପ୍ରଚାର କାର୍ଯ୍ୟ ଆରମ୍ଭ କରିବେ ।

ହରିଆଣାରେ ବିଧାନସଭା ନିର୍ବାଚନ ନିମନ୍ତେ ୧ ହଜାର ୭ଶହ ୪୭ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୧ ହଜାର ୫୬୧ ଜଣ ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ ରହିଛି । ଏହି ପର୍ଯ୍ୟାୟ ପାଇଁ ଆସନ୍ତା ୧୬ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷଦିନ ରଖାଯାଇଛି । ୯୦ ଆସନ ବିଶିଷ୍ଟ ହରିଆଣା

ବିଧାନସଭା ପାଇଁ ଗୋଟିଏ ପର୍ଯ୍ୟାୟରେ ଅକ୍ଟୋବର ମାସ ୫ ତାରିଖରେ ମତଦାନ ହେବ ।

## ସୁନିତା ୱିଲିୟମ ସ୍ପୋର୍ଟିଂ

ଯାନ୍ତ୍ରିକ ତ୍ରୁଟି ଯୋଗୁଁ ମହାକାଶରେ ଅଟକି ରହିଥିବା ଦୁଇ ଆମେରିକୀୟ ମହାକାଶଯାତ୍ରୀ ସୁନିତା ୱିଲିୟମ୍ସ ଏବଂ ବୁଚ୍ ବିଲ୍‌ମୋର୍ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ମତଦାନ ଲାଗି ଇଚ୍ଛା ପ୍ରକାଶ କରିଛନ୍ତି । ଚଳିତବର୍ଷ ନଭେମ୍ବର ମାସରେ ଆମେରିକା ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବ । ପୃଥିବୀ ପୃଷ୍ଠରୁ ଅଢ଼େଇଶହ ମାଇଲ୍ ଉପରେ ମହାକାଶ କେନ୍ଦ୍ରରୁ ଗତକାଲି ପ୍ରତ୍ୟକ୍ଷ ସମ୍ବାଦଦାତା ସମ୍ମିଳନୀରେ ସୁନୀତା ୱିଲିୟମ୍ସ ଏବଂ ବିଲ୍‌ମୋର ରାଷ୍ଟ୍ରପତି ନିର୍ବାଚନରେ ଭୋଟ୍ ଦେବାଲାଗି ଅନୁରୋଧ କରିଛନ୍ତି । ସେମାନେ କହିଛନ୍ତି ଗଣତାନ୍ତ୍ରିକ ପ୍ରକ୍ରିୟାରେ ସେମାନଙ୍କ ଯୋଗଦାନ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ଉଭୟ ମହାକାଶଯାତ୍ରୀ ଚଳିତବର୍ଷ ଜୁନ୍ ୫ ତାରିଖରେ ଷ୍ଟାର୍ ଲାଇନର୍ ସ୍ପେସ୍ ସଟଲ୍ ରେ ମହାକାଶ କେନ୍ଦ୍ରକୁ ଯାତ୍ରା କରିଥିଲେ । ତେବେ ୮ ଦିନ ପରେ ଫେରିବାକୁ ଥିବା ଉଭୟ ଯାତ୍ରୀ ଷ୍ଟାର୍‌ଲାଇନର୍‌ରେ ବୈଷୟିକ ତ୍ରୁଟି ଯୋଗୁଁ ଆସିପାରି ନଥିଲେ । ଆସନ୍ତାବର୍ଷ ଫେବୃୟାରୀ ମାସରେ ଉଭୟ ମହାକାଶଯାତ୍ରୀ ଫେରିବେ ବୋଲି କୁହାଯାଇଛି ।

## ହ୍ୱିଟ୍ ଷ୍ଟକ୍ ହୋଲ୍‌ଡିଂ

ଦେଶରେ ଗହମ ଦର ବୃଦ୍ଧି ଓ ମହଜୁଦ ପରିମାଣ ନିୟନ୍ତ୍ରଣରେ ରଖିବା ଲାଗି କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ବ୍ୟବସାୟୀ,

ପାଇକାରୀ ଓ ଖୁଚୁରା ବ୍ୟବସାୟୀଙ୍କ ନିମନ୍ତେ ଗହମ ମହଜୁଦ ପରିମାଣରେ ପରିବର୍ତ୍ତନ କରାଯାଇଛି । କେନ୍ଦ୍ର ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ପୂର୍ବରୁ ବ୍ୟବସାୟ, ଏବଂ ହୋଲ୍‌ସେଲରମାନେ ୩ ହଜାର ମେଟ୍ରିକ୍ ଟନ୍ ଗହମ ମହଜୁଦ କରୁଥିବା ବେଳେ ଏବେ ୨ ହଜାର ମେଟ୍ରିକ୍ ଟନ୍ ଗହମ ମହଜୁଦ ରଖିପାରିବେ । ସେହିପରି ଗହମ ପ୍ରକ୍ରିୟାକରଣ କରୁଥିବା ସଂସ୍ଥାଗୁଡ଼ିକ ସେମାନଙ୍କ ମାସିକ ପରିମାଣ ସୀମାକୁ ୭୦ ପ୍ରତିଶତରୁ ୬୦ ପ୍ରତିଶତକୁ ହ୍ରାସ କରାଯାଇଛି । ତେବେ ଖୁଚୁରା ବିକ୍ରେତାଙ୍କ ଲାଗି ୧୦ଟନ୍ ଗହମ ମହଜୁଦ ରଖିବା ବ୍ୟବସ୍ଥା ଅପରିବର୍ତ୍ତିତ ରହିଛି ।

ଚଳିତବର୍ଷ ଜୁନ୍ ମାସ ୨୪ ତାରିଖରେ ମନ୍ତ୍ରଣାଳୟ ପକ୍ଷରୁ ଗହମ ମହଜୁଦ ରଖିବା ଉପରେ କଟକଣା ଜାରି କରାଯାଇଥିଲା । ଆସନ୍ତାବର୍ଷ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଏହା ବଳବତ୍ତର ରହିଛି । କେନ୍ଦ୍ର ସରକାରଙ୍କ ବିଭିନ୍ନ ଏଜେନ୍ସୀ ଗହମ ମହଜୁଦ ଏବଂ ବିକ୍ରି ସମ୍ବନ୍ଧୀୟ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିଛନ୍ତି । ଚଳିତବର୍ଷ ରବି ଋତୁରେ ସାରା ଦେଶରେ ୧ ହଜାର ୧୨୯ ଲକ୍ଷ ମେଟ୍ରିକ୍ ଟନ୍ ଗହମ ଉତ୍ପାଦନ ହୋଇଥିବା ମନ୍ତ୍ରଣାଳୟ ସୂଚନା ଦେଇଛି ।

---